ଶନିବାର, ୭ମାର୍ଚ୍ଚ, ୨୦୨୦

# ପିଲାଙ୍କ ଧରିତ୍ରୀ



# ଖିଲି ଖିଲି ହସ

ଟିଙ୍କି ଗୋଟିଏ ବୁକ୍ ଷ୍ଟୋରକୁ କହିଲା–ଭାଇନା ଟିକେ ପ୍ରିଣ୍ଟର ଲାଗି ପେପର ଦେବ।
ଦୋକାନୀ: ଏ ଫର
ଟିଙ୍କି: ଏ ଫର ଆପଲ ହୋଇଥାଏ ଅଙ୍କଲ ମୋତେ ଟିକେ ଜଲ୍‌ଦି ପେପର ଦିଅ ମୁଁ ଘରକୁ ଯିବି।

## ବାପା ଓ ପୁଅ ମଧ୍ୟରେ କଥାବାର୍ତ୍ତା

ବାପା: ପୁଅ କହିଲୁ ୧୫ଟି ଫଳର ନାଁ
ପୁଅ: ସେଓ,ଆମ୍ବ, ଅମୃତଭଣ୍ଡା ......
ବାପା: ସାବାସ୍, ଓ ବାକି ଏକ ଡଜନ କଦଳୀ ହେଲା ୧୫ଟି ଫଳ।

ଶିକ୍ଷକ: ଆରେ ଚିଣ୍ଟୁ ଗୋଟିଏ ଡାଲାରେ ୧୦ଟି ଆମ୍ବ ଥିଲା। ଦୁଇଟି ସେଥିରୁ ପଚିଗଲା ଆଉକେତୋଟି ଆମ୍ବ ରହିଲା।
ଚିଣ୍ଟୁ: ସାର୍, ୮ଟି।
ଶିକ୍ଷକ: କେମିତି,ଆମ୍ବ ଯଦି ପଚିଗଲା ସେ କ’ଣ କଦଳୀ ହୋଇଗଲା କି ?

# ଡୁଡୁଲ୍ ଖେଳିଲା ହୋଲି

ଗପ



ହାତରେ ଖୋଳ ଝାଂଜ ଧରି ସଂକୀର୍ତ୍ତନିଆ ଗୋଷ୍ଠୀ ସାହି ସାହି ବୁଲୁଥାନ୍ତି । ଗାଁ ରେ ଦୋଳପର୍ବ ପାଇଁ ସାରା ଗାଁ ଉତ୍ସବମୁଖର ହୋଇଉଠୁଥାଏ । ଏଣେ ଡୁଡୁଲ୍‌ର ମନ କିନ୍ତୁ ଭାରି ଅଥୟ ହେଉଛି । ରାତି ପାହିଲେ ହୋଲିଖେଳ , ସବୁ ସାଙ୍ଗସାଥୀ ତା’ର ଭଳିକିଭଳି ରଙ୍ଗରେ ରଙ୍ଗେଇ ହେବେ । କେତେ ମଜା ହବ , କେତେ ବାଘ ଭାଲୁ ବେଶରେ ତା ସାଥୀସାଙ୍ଗ ସବୁ ବୁଲିବେ । ହେଲେ ଡୁଡୁଲ୍ ପାଇଁ ବାପା ତା’ର ରଙ୍ଗ କିଣିବାକୁ ମନାକଲେ । ଏଥିପାଇଁ ଡୁଡୁଲ ଘର କଣରେ ଭାରି ମନ ଊଣା କରି ବସିଥାଏ । ମା’ ତା’ର ଯେତେ ମିଠାକଥା କହି ବୁଝାଇଲେବି ଜମା ବୁଝୁ ନ ଥାଏ ସେ ।

ବାସ୍ .... ତା’ର ଏକାଜିଦ୍ , ସେ କାଲି ହୋଲି ଖେଳିବ , ସାଙ୍ଗସାଥୀଙ୍କ ସହ ଭଳିଭଳି ବେଶ ହୋଇ ସାହି ସାହି ବୁଲିବ । ପୁଅକୁ ଯେତେ ବୁଝାଇଲେବି ପୁଅର ଏଭଳି ଅବୁଝା ପଣ ଦେଖି ମାଆ ବି ଖୁବ୍ ଚିନ୍ତାରେ ପଡିଗଲେ । ହେଲେ ମାଆ ମନ , ପିଲାର କଷ୍ଟ ଦେଖି କେମିତି ସମ୍ଭାଳିବ । ଏଣୁ , ଡୁଡୁଲ୍ ବାପାଙ୍କ ତାଗିଦ୍ ସତ୍ତ୍ୱେ ମାଆ ତା’ର ଏକ ଉପାୟ ଚିନ୍ତା କଲେ । ଏହି ଉପାୟ ଅନୁସାରେ ଘରକଣରେ ପଡିଥିବା ଏକ ଖାଲିଥିବା ତେଲ ବୋତଲ ନେଇ ସେଥିରେ କିଛି ଅଳତାପାଣି ଭର୍ତ୍ତି କରିଦେଲେ । ଦୂରରୁ ସେହି ଅଳତା ପାଣି ବୋତଲ ଦେଖାଇ ଡୁଡୁଲ ଆଡ଼କୁ ପିଚକାରୀ ମାରି ଆସ କିଏ ହୋଲି ଖେଳିବ ବୋଲି ଡୁଡୁଲ୍‌କୁ ଡାକିଲେ । ମାଆଙ୍କ ହାତରେ ଥିବା ପିଚକାରିରୁ ନାଲିରଙ୍ଗର ପାଣି ବାହାରିବା ଦେଖି ଡୁଡୁଲ ଭାରି ଖୁସି ହୋଇଗଲା । ହଠାତ୍ ସେ ବସିଥିବା ଜାଗାରୁ ଉଠିଯାଇ ମାଅଙ୍କ ହାତରୁ ପିଚକାରି ଛଡାଇ ଆଣିଲା । ଏଥର ଏକାଥରରେ ମାଆଙ୍କ ହାତରୁ ଛଡାଇ ଆଣିଥିବା ପିଚକାରି ବୋତଲ ଧରି ସିଧା ଚାଲିଲା ଛାତ ଉପରକୁ ।

ହେଲେ ଘର ବାଲକୋନିରେ ସେ ଛିଡା ହୋଇ ପିଚକାରି ମାରିବା ବେଳେ ଦୂରରୁ ବାପାଙ୍କୁ ଛିଡା ହୋଇଥିବାର ଦେଖି ଡୁଡୁଲର ହାଲ୍‌କା ଶୁଖିଗଲା । ହଠାତ୍ ସେ ଛାତକଣରେ ଲୁଚିଯାଇ ବାପାଙ୍କୁ ଘରଭିତରକୁ ଆସିବାକୁ ଚାହିଁ ରହିଲା । ହେଲେ ବାପାଙ୍କ ହାତରେ ବାଘ ,ଭାଲୁ ମୁଖା ଥିବା ଝୁଲାବ୍ୟାଗ୍ ଓ ଭଳିକି ଭଳି ରଙ୍ଗର ପିଚକାରୀ ବୋତଲ ଦେଖି ହଠାତ୍ ସେ ନିଜକୁ ବିଶ୍ୱାସ କରିପାରିଲା ନାହିଁ । ହେଲେ ଏତିକି ବେଳେ ଘର ବାହାରେ ପହଞ୍ଚି , ବାପା ଯେତେବେଳେ ଛାତ ଉପରକୁ ଚାହିଁ ଡୁଡୁଲ୍ ଆଡକୁ ପିଚକାରିଟିଏ ଛାଟିଲେ , ଡୁଡୁଲ୍‌ର ଖୁସି ଏଥର କହିଲେ ନସରେ । ଏଥର ମାଆ ଦେଇଥିବା ପିଚକାରିରୁ ପୁଚ୍ କିନା ପିଚକାରୀଟିକେ ମାରି ବାପାଙ୍କ ଅଡ଼କୁ ସିଧା ଧାଇଁଆସିଲା । ବାପାଙ୍କ ହାତରେ ଥିବା ପିଚକାରି ବୋତଲ ଓ ଝୁଲାବ୍ୟାଗଟିକୁ ଛଡାଇନେଇ ଡୁଡୁଲ୍ ପୁଣି ଧାଇଁଲା ଛାତ ଉପରକୁ ।

**–ଶିବରାମ ମହାପାତ୍ର ,ମହିତମା,ନୟାଗଡ଼**

# ସୂଚନା

ପିଲାଙ୍କ ଧରିତ୍ରୀରେ ବିଭିନ୍ନ ସ୍କୁଲ୍ ଏବଂ ଶିଶୁ ଅନୁଷ୍ଠାନ ପକ୍ଷରୁ ଆୟୋଜନ କରାଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଫଟୋ ଓ ଖବର ସ୍ଥାନ ପାଇବ। ଏ ସମ୍ପର୍କିତ ସୂଚନା ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ ଏହି ସଂଖ୍ୟା ପ୍ରକାଶନର ୨ଦିନ ମଧ୍ୟରେ ଜଣାଇବାକୁ ପଡିବ। ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟିର ଫଟୋ ସହ ବୟସ ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ନିଜ ଫଟୋ ସହ ଓଡ଼ିଆରେ ନାମ, ଶ୍ରେଣୀ, ସ୍କୁଲ, ଠିକଣା, ଉଲ୍ଲେଖ କରିବା ଆବଶ୍ୟକ।

**ଆମ ଠିକଣା**

dharitrifeature@gmail.com

# ମତାମତ

★ ବିନ୍ଦୁ ଯୋଡ଼ ଓ ଆସ ଖୋଜିବା ସ୍ତମ୍ଭ ମୋର ଖୁବ୍ ପସନ୍ଦ। ବିଜ୍ଞାନ କଥାରେ ପ୍ରକାଶ ପାଉଥିବା ବିଷୟଗୁଡ଼ିକ ଆମ ପାଇଁ ବେଶ୍ ସହାୟକ ହୋଇପାରୁଛି।

**– ମୋନିକା ସ୍ୱାଇଁ, ଗୋହିରା, ଆନନ୍ଦପୁର, କେନ୍ଦୁଝର**

★ ତୁମ ତୂଳୀରୁ ପୃଷ୍ଠାଟି ପିଲାମାନଙ୍କୁ ବେଶ୍ ଉତ୍ସାହିତ କରିପାରୁଛି। ଏଥିରେ ପ୍ରକାଶ ପାଉଥିବା ଚିତ୍ରଗୁଡିକ ଖୁବ୍ ସୁନ୍ଦର ଲାଗୁଛି।

**– ଜଗଦୀଶ ମହାପାତ୍ର, ଉଲୁଣ୍ଡା, ସୁବର୍ଣ୍ଣପୁର**


★ ଜଣା ଅଜଣା ସ୍ତମ୍ଭଟି ଆମମାନଙ୍କ ପାଇଁ ବେଶ୍ ଉପାଦେୟ ହେଉଛି। ଏହି ପୃଷ୍ଠାରେ ଆହୁରି ଅଧିକ ତଥ୍ୟ ଦେବାକୁ ଅନୁରୋଧ।

**– ଅପରାଜିତା ପାଣିଗ୍ରାହୀ, ଗଙ୍ଗନଗର, ଭୁବନେଶ୍ୱର**

★ ପ୍ରତି ଶନିବାର ପିଲାଙ୍କ ଧରିତ୍ରୀ ପଢିବାକୁ ମୁଁ ଅପେକ୍ଷା କରିଥାଏ। ପିଲାଙ୍କ ଧରିତ୍ରୀ ପ୍ରଚ୍ଛଦର ପୃଷ୍ଠା ସଂଖ୍ୟା ବୃଦ୍ଧି କରିବାକୁ ଅନୁରୋଧ।

**– ଲିଲି, ଜଲି, ସୋନି,ଜୟପୁର, କୋରାପୁଟ**

# ବିନ୍ଦୁ ଯୋଡ଼




# ଚଗଲା ଭୀମୁ




ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795



# କେମିତି ପାଳିବେ ହୋଲି

**ରଙ୍ଗର ପର୍ବ ହୋଲି। ଜାତି, ଧର୍ମ,ବର୍ଣ୍ଣ ନିର୍ବିଶେଷରେ ପ୍ରତ୍ୟେକଙ୍କ ମନରେ ଏକତା ତଥା ଆତ୍ମୀୟତା ଭରି ଦିଏ ଏହି ପର୍ବ। ଏଥର ପିଲାମାନେ କେମିତି ପାଳିବେ ଦୋଳ ଓ ହୋଲି ଆସନ୍ତୁ ଜାଣିବା ସେ ସମ୍ପର୍କରେ....**

......................



**ମାମା ଓ ବାବାଙ୍କ ଆଶୀର୍ବାଦ ନେବି :** ଗତବର୍ଷ ଭଳି ଏଥର ମଧ୍ୟ ବଜାରକୁ ଯାଇ ହର୍ବାଲ୍ ହୋଲି ଓ ମିଠା କିଣି ଘରକୁ ଆଣିବି। ଘରେ ବାବା ଓ ମାମାଙ୍କଠାରୁ ଆଶୀର୍ବାଦ ନେବା ପରେ ସାଙ୍ଗମାନଙ୍କ ଘରକୁ ଯାଇ ସେମାନଙ୍କ ସହ ହୋଲି ଖେଳିବା ସହ ମିଠା ଖୁଆଇବି।

– ***ସ୍ମୃତିରେଖା ସାମଲ,*** *କ୍ଲାସ – ୯, ଅନ୍‌ସ୍ଲୋ ସରକାରୀ ସ୍କୁଲ, ଛତ୍ରପୁର, ଗଞ୍ଜାମ*



**ଆତ୍ମୀୟତା ବଢାଇଥାଏ ହୋଲି :** ଭାଇଚାରାର ପର୍ବ ହୋଲିରେ ଆବାଳବୃଦ୍ଧବନିତା ପରସ୍ପରକୁ ହୋଲି ରଙ୍ଗରେ ରଙ୍ଗାୟିତ କରିଦିଅନ୍ତି। ଆମେ ଫଗୁ, ଅବିର ଧରି ସାଙ୍ଗ ସାଥୀ ତଥା ସାନ ପିଲାମାନଙ୍କୁ ବୋଳିଥାଉ। ଗୁରୁଜନମାନଙ୍କ ପାଦରେ ଅବିର ପକାଇ ଆଶୀର୍ବାଦ କାମନା କରିଥାଉ। ମୋ ମତରେ ରାସାୟନିକ ରଙ୍ଗଠାରୁ ସମସ୍ତେ ଦୂରେଇ ରହିବା ଆବଶ୍ୟକ।

– ***ବିଶ୍ୱଭାରତୀ ସ୍ୱାଇଁ,*** *କ୍ଲାସ –୧୦, ଧର୍ମବିହାର ସରସ୍ୱତୀ ଶିଶୁ* ବିଦ୍ୟାମନ୍ଦିର, ଜାଗମରା,ଖଣ୍ଡଗିରି, ଭୁବନେଶ୍ୱର



**ରାଧାକୃଷ୍ଣଙ୍କୁ ଫଗୁ ଅବିର ଅର୍ପଣ କରିବି :** ରାଧାକୃଷ୍ଣଙ୍କୁ ଫଗୁ ଅବିର ଅର୍ପଣ ପରେ ହୋଲି ଖେଳ ଆରମ୍ଭ କରିବି। ପରେ ପରିବାରର ସଦସ୍ୟ ଓ ସାଙ୍ଗସାଥୀଙ୍କୁ ଅବିର ବୋଳିବି। କୌଣସି କେମିକାଲ୍ ରଙ୍ଗ ବ୍ୟବହାର କରିବି ନାହିଁ।

– ***ସତ୍ୟମ୍ ଷଡ଼ଙ୍ଗୀ,*** *କ୍ଲାସ – ୬, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଟାଙ୍ଗୀ, କଟକ*

## ଆମ ପିଲାଦିନ ହୋଲି



**ଦୋ**ଳପୂର୍ଣ୍ଣିମା ପାଇଁ ଆମ ଗାଁରେ ଘରଦ୍ୱାର ଲିପାପୋଛା ହୋଇଥାଏ। ବିମାନ ଯେଉଁ ଜାଗାରେ ରହିବ ସେହି ସ୍ଥାନକୁ ଲାଲ୍ ମାଟିରେ ଲିପା ଯାଏ। ଅନ୍ୟ ସବୁସ୍ଥାନ ଗୋବର ପକାଇ ଲିପାଯାଏ। ଉଖୁଡ଼ା, ଖଜା, କଷି ଆମ୍ବ, ଚଣା ଭୋଗ କରାଯାଏ। ଘଣ୍ଟ ବାଜେ। ଠାକୁର ସବୁ ଘର ବୁଲି ବୁଲି ଭୋଗ ଖାଆନ୍ତି। ସଂକୀର୍ତ୍ତନ ହୁଏ। ଆମେ ଭୋଗ ପାଉ। ମେଳଣ ଦେଖିବାକୁ ମୁଁ ବାପାଙ୍କ ସହ ଯାଏ। ସେଠାରେ ପ୍ରତି ଗାଁର ଲୋକେ ବିମାନ ନେଇ ଆସନ୍ତି। ନାଲି, ନୀଳ ଓ ହଳଦିଆ ରଙ୍ଗର ଫଗୁ ମିଳେ। ଆମେ ସେଥିରେ ହୋଲି ଖେଳୁ। ନାଲି, ନୀଳ ଓ ଲାଲ୍ ରଙ୍ଗର ବଟିକା ମିଳେ। ଦୁଇଟି ମାଟି ଆଟିକାରେ ପାଣି ରଖି ଏହି ବଟିକାକୁ ପକାଇ ରଙ୍ଗପାଣି ତିଆରି କରୁ। ବାଉଁଶରେ ପିଚିକାରି କରୁଥିଲୁ। ଆଉ ଏକ ବାଉଁଶ ବାଡିରେ ଗୋଟିଏ ପଟେ କପଡା ଗୁଡାଇଲେ ତାହା ପିଷ୍ଟନ୍ ପରି କାମ କରୁଥିଲା। ସେଥିରେ ପିଚିକାରି କରି ଆମେ ଖେଳୁ। ଫଗୁ ବି ବୋଳାବୋଳି ହେଉ। ଝଗଡା ବି ଲାଗୁ। କିନ୍ତୁ ସେଥିରେ ଆନନ୍ଦ ଥାଏ। ସେତେବେଳେ ହୋଲି ଖେଳିସାରି ପୋଖରୀରେ ଗାଧୋଇଲେ ଆମ ଶରୀରରୁ ରଙ୍ଗ ଛାଡିଯାଉଥିଲା। କିନ୍ତୁ ଏବେ ବ୍ୟବହାର କରାଯାଉଥିବା କେମିକାଲ୍ ଆମ ଶରୀର ପାଇଁ କ୍ଷତିକାରକ। ଧୀରେ ଧୀରେ ଏହି ପୂଜାରେ ପରିବର୍ତ୍ତନ ଆସିଛି ସତ କିନ୍ତୁ ଏହି ପର୍ବ ବଞ୍ଚିକି ରହିଛି ସେଥିପାଇଁ ମୁଁ ଖୁବ୍ ଖୁସି।

– ***ବୀରକିଶୋର ପ୍ରଧାନ,*** *ଅବସରପ୍ରାପ୍ତ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ*



**ସାଙ୍ଗସାଥୀଙ୍କ ସହିତ ବୁଲିବାକୁ ଯିବି :** ଏଥର ଦୋଳରେ ଦୁଆର ଲିପାପୋଛା କରି ପୂର୍ଣ୍ଣକୁମ୍ଭ ଓ ଦୀପ ଲଗାଇ ଭୋଗ ବାଢି ଭାଇଭଉଣୀ ଓ ପରିବାର ସହିତ ଠାକୁରଙ୍କୁ ଅପେକ୍ଷା କରିବି। ଗାଁ ଯାତ୍ରା ଦେଖିବାକୁ ସାଙ୍ଗସାଥୀଙ୍କ ସହିତ ଯିବି। ଆମେ ସବୁ ସାଙ୍ଗମାନେ ନିଜେ ପ୍ରସ୍ତୁତ କରିଥିବା ପ୍ରାକୃତିକ ରଙ୍ଗରେ ହୋଲି ଖେଳିବୁ।

– ***ବର୍ଷାରାଣୀ ସାହୁ,*** *କ୍ଲାସ–୯, ବାହାଡାଝୋଲା ବାଳିକା ହାଇସ୍କୁଲ, ଓଡଗାଁ, ନୟାଗଡ*



**ମନରେ ଏକତାର ଭାବ ଆଣେ ହୋଲି :** ଦୋଳପର୍ବରେ ଦୋଳ ବିମାନରେ ଠାକୁର ଆସି ସମସ୍ତଙ୍କ ଦାଣ୍ଡରେ ଭୋଗ ଖାଇଥାନ୍ତି। ଏହି ପର୍ବରେ ଗଉଡମାନଙ୍କର ଗୋଠ ଅନୁଷ୍ଠିତ ହୋଇଥାଏ। ମୁଁ ମୋ ସାଙ୍ଗମାନଙ୍କ ସହ ଗୋଠ ଦେଖିବା ପାଇଁ ଯାଏ। ହୋଲି ପୂର୍ବ ଦିନରୁ ମୁଁ ନିକଟସ୍ଥ ବଜାରରୁ ରଙ୍ଗ କିଣି ଆଣିଥାଏ। ସମସ୍ତେ ପରସ୍ପରକୁ ରଙ୍ଗ ବୋଳାବୋଳି ହେଉ। ଏହି ସମୟରେ ଆମ ମନରେ ଏକତାର ଭାବ ଆସିଥାଏ।

– ***ପାୟଲ ମହାପାତ୍ର,*** *କ୍ଲାସ – ୧୦, ଅଲଣାହାଟ ସରକାରୀ ଉଚ୍ଚ ବିଦ୍ୟାଳୟ, ନାଉଗାଁ, ଜଗତ୍‌ସିଂହପୁର*



**ରାସାୟନିକ ରଙ୍ଗଠାରୁ ଦୂରେଇ ରହିବି :** ରଙ୍ଗର ପର୍ବ ହୋଲି। ଏହି ପର୍ବ ସମସ୍ତଙ୍କୁ ଖୁସି ଆଣିଦିଏ। କିନ୍ତୁ ରଙ୍ଗଖେଳ ସମୟରେ ବ୍ୟବହାର ହେଉଥିବା କେମିକାଲ୍ ଜନିତ ରଙ୍ଗ କେବଳ ମଣିଷ ପାଇଁ କ୍ଷତି ପହଞ୍ଚାଇ ଥାଏ ତାହା ନୁହେଁ ପରିବେଶ ପ୍ରତି ମଧ୍ୟ ଏହା କ୍ଷତିକାରକ। ତେଣୁ ଏ ଦିଗରେ ଆମେ ସମସ୍ତେ ସଚେତନ ହେବାର ଦରକାର।

– ***ଜସ୍ମିନ୍ ପାତ୍ର,*** *କ୍ଲାସ – ୫, ଗୁରୁଗୀତା ପବ୍ଲିକ ସ୍କୁଲ, ଧର୍ମଗଡ, କଳାହାଣ୍ଡି*



**ସାଙ୍ଗମାନଙ୍କ ସହ ଅବିର ଖେଳିବି :** ଭଗବାନ୍ ଶ୍ରୀକୃଷ୍ଣଙ୍କ ଅତି ପ୍ରିୟ ହୋଲି ଉତ୍ସବ। ଜେଜେ ଜେଜେମା ହୋଲି ପର୍ବ ବିଷୟରେ ଅନେକ କଥା ଶୁଣାଇଛନ୍ତି। କେମିକାଲ୍ ରଙ୍ଗ ଶରୀର ଉପରେ କୁପ୍ରଭାବ ପକାଉଥିବାରୁ ଅବିରରେ ସାଙ୍ଗମାନଙ୍କ ସହ ହୋଲି ଖେଳିବି।

– ***ଆଶିଷ କୁମାର ଦାସ,*** *କ୍ଲାସ – ୭, ସରକାରୀ ଏସ୍.ଏନ୍.ୟୁପି ସ୍କୁଲ, ରାଜନଗର, କେନ୍ଦ୍ରାପଡା*



**ରାତିରେ ଦୋଳ ମେଳଣ ଦେଖିବାକୁ ଯିବି :** ଦୋଳ ପୂର୍ଣ୍ଣିମା ପର ଦିନ ହୋଲି ଖେଳ ହୁଏ। ବର୍ଷକରେ ଥରେ ପଡୁଥିବା ଏହି ପର୍ବକୁ ମୁଁ ଆନନ୍ଦର ସହ ପାଳିଥାଏ। ସାଙ୍ଗସାଥୀଙ୍କୁ ମିଠା ଖୁଆଇ ଅବିର ବୋଳି ହୋଲି ଖେଳିବୁ। ରାତିରେ ଦୋଳ ମେଳଣ ଦେଖିବାକୁ ଯିବି।

– ***ବର୍ଷାପ୍ରିୟଦର୍ଶିନୀ ରାଉତ,*** *କ୍ଲାସ – ୮, କପିଳେଶ୍ୱର ନୋଡାଲ ଉଚ୍ଚ ବିଦ୍ୟାଳୟ, ଡୁବୁରୀ, ଯାଜପୁର*







୧




୨




୩



୪



୫



୬



୭



୮



୧ ଯୋଦ୍ଧାଜିତ୍ ଧରୁଆ
କ୍ଲାସ – ୮, ବାଘମୁଣ୍ଡ
ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,
ପାଟଣାଗଡ, ବଲାଙ୍ଗୀର



୨ ଅନୁଷ୍କା ବେଉରା
କ୍ଲାସ–୬, ସେଣ୍ଟ୍ ଜୋସେଫ୍
ହାୟର ସେକେଣ୍ଡାରୀ ସ୍କୁଲ,
ଭୁବନେଶ୍ୱର



୩ ଅବିନାଶ ସାହୁ
କ୍ଲାସ – ୧୦, ସରସ୍ୱତୀ
ଶିଶୁ ବିଦ୍ୟା ମନ୍ଦିର,
ଅନୁଗୋଳ



୪ ସାଇ ଆଦିତ୍ୟ ପ୍ରଧାନ
କ୍ଲାସ–୧,ମିଲିଟାରୀ
ଇଂଲିସ ମିଡିୟମ ସ୍କୁଲ,
ସାକ୍ଷୀଗୋପାଳ, ପୁରୀ



୫ ସ୍ୱୟଂଜିତ
କ୍ଲାସ–୪, ବ୍ଲେସଡ
ସାକ୍ରାମେଣ୍ଟ
ହାଇ ସ୍କୁଲ, ପୁରୀ



୬ ବି.ସୌମ୍ୟସିଦ୍ଧାର୍ଥ
କ୍ଲାସ–୨, ସରସ୍ୱତୀ ଶିଶୁ
ବିଦ୍ୟାମନ୍ଦିର, ପୋତାପୋଖରୀ,
ନୟାବଜାର, କଟକ



୭ ଜାହ୍ନବୀ ପଟ୍ଟନାୟକ
କ୍ଲାସ – ୨, ସେଣ୍ଟ୍
ଯୋଶେଫ୍ ଗାର୍ଲସ୍
ହାଇସ୍କୁଲ, କଟକ



୮ ଆଶୀର୍ବାଦ ମିଶ୍ର
କ୍ଲାସ–୪,ମିଲିଟାରୀ ଇଂଗ୍ଲିସ
ମିଡିୟମ ସ୍କୁଲ,
ସାକ୍ଷୀଗୋପାଳ, ପୁରୀ



## ଦୋଳହୋଲିର ଏ ଆନନ୍ଦ ବେଳା

ଆସିଗଲା ଭାଇ ଦୋଳ ପୁନିଅଁ ରେ’
ଦୋଳ ବେଦି ପରେ ଝୁଲନ୍ତି ଦିଅଁ,
ହୋଲି ପିଚକାରୀ, ଅଭିର ଖେଳରେ
ଗାଁ’, ସହରରେ ଆନନ୍ଦ ସୁଅ ।
ମେଣ୍ଢା କୁଡ଼ିଆ ଓ ହୋଲିକା ଦହନ
ଠୋ’ ଠା’ ବାଣ ଆତସ ବାଜି,
ଇସ୍କୁଲୁ, କଲେଜେ ଛୁଟି ଆଜି ସବୁ
ବରଷକ ପରେ ଦୋଳହୋଲି ଟି’ ।
ଆଲଟ, ଚାମର, ଅଗୁରୁ, ଚନ୍ଦନ, ଢୋଲ୍‌ପେଁ’କାଳୀ, ବାଜା ତେଲଂଗି,
ଦୋଳ ବେଦି ପରେ ଝୁଲନ୍ତି କହ୍ନେଇ
ନାହାକ ବାପୁଡ଼ା ପଢ଼ଇ ପାଞ୍ଜି ।
କୋଇଲିର କୁହୁ, ଫଗୁଣର ଫଗୁ,
ଆମ୍ବ ବଉଳରେ ଦିଗ ଚହ୍‌ଟେ,
ଶିଶିର କଣରେ ସୂରଜ କିରଣ
ସୁନା, ରୁପା ପରି କେତେ ଚମ୍‌କେ ।
ଆମ୍ବ ବଉଳ ଓ ଗୋଲାପ, କୁସୁମ
ମଲ୍ଲୀ, ମାଳତୀ ଓ ହେନା, ସେବତୀ,
ମୟୂର ଚୁଳିଆ, କଦମ୍ବ ମୂଳିଆ
ବିମାନରେ ବସି ଗାଁ’ ବୁଲନ୍ତି ।
ବାପାବୋଉ, ଅଜାଆଇ, ମାମୁମାଇଁ,
ମଉସାମଉସୀ,କକେଇଖୁଡ଼ୀ
ଦଦେଇଦେଠେଇ, ଭଉନାଭାଉଜ
କୁନାକୁନି ସବୁ ଖେଳନ୍ତି ହୋଲି ।
ଭାଇଚାରା, ପ୍ରୀତି, ସେନେହ ଶରଧା
ମେଳା, ମଉଛବ, ପରବ ବେଳା,
ବରଷକେ ଥରେ ଆସିଚି ରେ ଭାଇ
ଦୋଳହୋଲିର ଏ ଆନନ୍ଦ ମେଳା ।

– **ଡ. ଆର୍ତ୍ତତ୍ରାଣ ମିଶ୍ର,** ନିର୍ଦ୍ଦେଶକ(ଶିକ୍ଷା),
ଓଡିଏମ୍ ପବ୍ଲିକ୍ ସ୍କୁଲ, ପଟିଆ, ଭୁବନେଶ୍ୱର



## କ ବି ତା



## ଫଗୁଣ ମାସ ଅତି ସରସ

ଫଗୁଣ ମାସ ଅତି ସରସ ।
ଫୁଲ ଫଳେ ଧରା ହୁଏ ହରସ ।।
ପବନ ଆସଇ ଦକ୍ଷିଣୁ ବହି ।
ଆନନ୍ଦରେ ମନ ନିଅଇ ମୋହି ।
ଫଗୁଣରେ ହୁଏ ଜାଗର ଯାତ
ଦୀପ ଆଲୋକରେ ହସେ ଜଗତ ।
ପୁନେଇଁ ଆସିଲେ ଦୋଳ ପରବ
ଗୋପାଳ ପୁଅର ଭାରି ଗରବ ।
ରାଧାମୋହନକୁ ବିମାନେ ନେଇ
ଦୋଳ ମଣ୍ଡପରେ ଦିଏ ଝୁଲେଇ ।
ରଙ୍ଗ ପିଚକାରୀ ଧରି ହାତରେ
ରଙ୍ଗ ଖେଳେ ମାତେ ଆନନ୍ଦ ଭରେ ।
ରାଗ ଅଭିମାନ ନ ଥାଏ କା’ର
ରଙ୍ଗ ଖେଳ ଅଟେ ଭାଇ ଭାବର ।
ଭାଇ ଭାବେ ଆସ ଏକାଠି ହେବା
ଶତ୍ରୁ ଭାବ ମନୁ ଦୂରେଇ ଦେବା ।

**– ପୀତାମ୍ବର ମହାପାତ୍ର**
ମଧ ଶାସନ, ଜଗତ୍‌ସିଂହପୁର,
ମୋ–୯୯୩୭୬୩୧୫୪୪

## ଦୋଳ ପୂନେଇଁ ଗୀତ


ଋତୁରାଜ କାନେ ଗଲାଣି କହି
ଧରା ଛୁଇଁଲାଣି ଦୋଳ ପୂନେଇଁ ।
ଫୁଲେ ରଙ୍ଗ ଆଉ ମହକ ଦେଇ
ଫଗୁଣର ବାଆ ଯାଉଛି ବହି ।
ଅଉଲ ବଉଳ ଆମ୍ବ ପତର
ଭାରି ମଧୁର ସେ କୋଇଲି ସ୍ୱର ।
ଦୋଳ ବିମାନ ତ ଫୁଲରେ ସଜା
ଘରେ ଘରେ ପିଢ଼ା ପାଣିରେ ଖଞ୍ଜା ।
ଖୋଳ କରତାଳ ମହୁରି ବଜା
ରାଧିକା ସାଙ୍ଗରେ କହ୍ନେଇ ରଜା ।
ବିମାନ ମେଳନ ଧାଡି କି ଧାଡି
ଚଣା ଭୋଗ ଖଇ ଉଖୁଡା ମୁଢ଼ି ।
ରଙ୍ଗ ପିଚକାରି ଅବିର ନେଇ
ପିଲା ବୁଲିଲେଣି ସାହି କି ସାହି ।
ଲଉଡି ଖେଳନ୍ତି ଗୋପାଳ ପିଲା
ଗୀତ ଗାଇ ରାଧାକୃଷ୍ଣଙ୍କ ଲୀଳା ।
ରଙ୍ଗିଲା ଦିଶୁଛି ସାରା ଦୁନିଆ
ରଙ୍ଗ ଗଢ଼ିଦିଏ ସମ୍ପର୍କ ନୂଆ ।
ଦୋଳ ପୂନେଇଁର ରଙ୍ଗ ଅବିର
ସ୍ନେହ ବନ୍ଧନର ସେ ଉପହାର ।

**– ଅଧ୍ୟାପକ ରବୀନ୍ଦ୍ର କୁମାର କାନୁନଗୋ,**ଇଂଲିଶ୍ ବିଭାଗ,
ଶ୍ରୀମା ମହିଳା ମହାବିଦ୍ୟାଳୟ,
ଦଶମାଣକୁଳ, ଜଗତ୍‌ସିଂହପୁର
ମୋ: ୯୯୩୮୬୮୨୦୩୯

## ଆସୁଛି ଦୋଳ ପୂନେଇଁ

ଆସିଗଲେ ଦୋଳ ପୂନେଇଁ
ଦୋଳ ବେଦି ସଜ ହୁଅଇ ।
ମାଥେ ନେଇ ରାଧାରାଣୀଙ୍କୁ ।
ମାଧବ ଯାଆନ୍ତି ଗାଆଁକୁ ।
ଭକତଙ୍କ ମେଳେ ଗୋବିନ୍ଦ
ଭ୍ରମଣେ ପାଆନ୍ତି ଆନନ୍ଦ ।।
ଫଗୁଣର ପୂର୍ଣ୍ଣମୀ ତିଥି ।
ମନେ ଜାଗେ ଅବିର ପ୍ରୀତି ।।
ଗୋପ ଦାଣ୍ଡ ହୁଅଇ ସଜ ।
ରଙ୍ଗ ଓଢ଼ଣୀ ସେ ଘୋଡ଼ିବ ।।
ନିଆରା ଏ ହୋଲି ପରବ ।
ବ୍ରହ୍ମାଣ୍ଡେ ମହାନ ତା’ ଭାବ ।।
ହିଂସା ଅହଙ୍କାର ଗରବ ।
ହୋଲି ରଙ୍ଗ ସବୁ ଧୋଇବ ।।
ଆପଣା କରିବ ପରକୁ ।
ଭୁଲି ଭେଦାଭେଦ ଭାବକୁ ।।
ଦିଅଇ ଶାନ୍ତିର ବାରତା ।
ବିଶ୍ୱେ ରଖିବାକୁ ଏକତା ।
ଆସ ମିଶି ପାଳିବା ହୋଲି ।
ବିଭେଦତା ଦେବା ଦୂରାଇ ।।

**– ମାନସ କୁମାର ବାରିକ**
**ପ୍ରଧାନ ଶିକ୍ଷକ, ପଳସା**
**ଉ.ପ୍ରା. (ମ.ଇ.) ବିଦ୍ୟାଳୟ,**
**ଖଇରା, ବାଲେଶ୍ୱର**




## ଏଥରର ପ୍ରଶ୍ନ

- ଦୋଳଯାତ୍ରା କେଉଁ ରାଜ୍ୟରେ ହୋଲି ସମୟରେ ପାଳନ କରାଯାଏ ?
- ହୋଲିକା ଦହନର ଅନ୍ୟ କେଉଁ ନାମରେ ପରିଚିତ ?
- ହୋଲି ପର୍ବ ପାଳନ ପରେ କେଉଁ ଋତୁ ଆରମ୍ଭ ହୁଏ ?
- ହିନ୍ଦୁ କ୍ୟାଲେଣ୍ଡରର କେଉଁ ମାସରେ ହୋଲି ପର୍ବ ପାଳନ କରାଯାଏ ?
- ହୋଲି ପାନଳ ସମୟରେ ଲହୁଣୀ ଏବଂ କ୍ଷୀରମିଶ୍ରିତ ହାଣ୍ଡିକୁ କେଉଁ ରାଜ୍ୟରେ ଭଙ୍ଗାଯାଏ ?

## ଆରଥରର ଉତ୍ତର

- ଲାଲ ବାହାଦୁର ଶାସ୍ତ୍ରୀ
- ଭିଟାମିନ୍ ‘ସି’
- ୧୯୭୨
- ଗୁଜୁରାଟ
- ଅର୍ନ୍ତଜାତୀୟ ମହିଳା ଦିବସ

## ଆସ ଖୋଜିବା







# ପରମ୍ପରା ଓ ହୋଲି

କଥାରେ ଅଛି ବାର ମାସରେ ତେର ପର୍ବ। ଆମ ଦେଶରେ ପାଳିତ ହେଉଥିବା ପ୍ରମୁଖ ପର୍ବପର୍ବାଣି ମଧ୍ୟରୁ ହୋଲି ଅନ୍ୟତମ। ବିଭିନ୍ନ ରାଜ୍ୟରେ ଏହା ଭିନ୍ନ ଢ଼ଙ୍ଗରେ ପାଳନ କରାଯାଏ। ସେ ସମ୍ପର୍କରେ...

**ପଞ୍ଜାବ:** ଏହି ଦିନ ଶିଖ୍ ସଂପ୍ରଦାୟର ଲୋକେ ବିଭିନ୍ନ ସାହସିକ କ୍ରୀଡା ନୈପୁଣ୍ୟ ଦ୍ୱାରା ନିଜର ଶକ୍ତି ପ୍ରଦର୍ଶନ କରିଥାନ୍ତି। ଏହା ଛଡା ପାରମ୍ପରିକ ନୃତ୍ୟ ଗୀତ ମଧ୍ୟ ପରିବେଷଣ କରାଯାଏ। ଏଠାରେ ଏହି ପର୍ବକୁ 'ହୋଲା ମୋହଲ୍ଲା' ନାମରେ ଜଣାଯାଏ।

**କେରଳ:** ଏହି ଦିନ ଲୋକେ ହଳଦୀ ପାଣିରେ ହୋଲି ଖେଳିବା ସହ ପାରମ୍ପରିକ ନୃତ୍ୟ ଗୀତ ମଧ୍ୟ ପରିବେଷଣ କରିଥାନ୍ତି। କେରଳର କେତେକ ଅଞ୍ଚଳରେ ଏହାକୁ 'ମଞ୍ଜୁଲ କୁଲି' ନାମରେ ପାଳନ କରାଯାଏ।

**ବିହାର:** ଫଗୁ ପୂର୍ଣ୍ଣିମା ଦିନ ଏଠାରେ ନିଆଁ ଜଳାଇ ହୋଲିକା ଦହନ କରାଯାଏ। ତା' ପର ଦିନ ରଙ୍ଗ ଏବଂ ଅବିରରେ ଲୋକେ ହୋଲି ଖେଳିଥାନ୍ତି। ଏଠାରେ ହୋଲିକୁ 'ଫଗୁଆ' ନାମରେ ପରିଚିତ।

**ଗୋଆ:** ଏଠାରେ ଏହି ପର୍ବକୁ 'ଶିଗ୍‌ମୋ' ନାମରେ ପାଳନ କରାଯାଏ। ଏହି ଦିନ ନାବିକମାନେ ନିଜ ଡଙ୍ଗାକୁ ପାରମ୍ପରିକ ରୂପରେ ସଜାଇବା ସହିତ ଫଗୁ ଅବିରରେ ହୋଲି ଖେଳିଥାନ୍ତି।

**ପଶ୍ଚିମବଙ୍ଗ :** ଏହି ଦିନ ରାଧା କୃଷ୍ଣଙ୍କ ମୂର୍ତ୍ତିକୁ ପାଲିଙ୍କିରେ ବସାଇ ପରିଭ୍ରମଣ କରାଯାଏ ଏବଂ ଲୋକେ ଏହି ପାଲିଙ୍କି ଉପରେ ଫଗୁ ଆଉ ରଙ୍ଗ ପାଣି ଢାଳିବାର ପ୍ରଥା ରହିଛି। ଏଠାରେ ହୋଲିକୁ 'ଦୋଲଯାତ୍ରା' ବୋଲି କୁହାଯାଏ।

**ମହାରାଷ୍ଟ୍ର:** 'ରଙ୍ଗପଞ୍ଚମୀ' ଭାବେ ଜଣାଯାଉଥିବା ଏହି ପର୍ବ ଦିନ ଲୋକେ ଫଗୁ ଏବଂ ଅବିରରେ ହୋଲି ଖେଳିବା ସହ ପାରମ୍ପରିକ ନୃତ୍ୟ ଗୀତ ମଧ୍ୟ ପରିବେଷଣ କରିଥାନ୍ତି। ହୋଲି ଅବସରରେ ଏଠାରେ 'ପୁରନପୋଲି' ନାମକ ଏକ ସ୍ୱତନ୍ତ୍ର ଖାଦ୍ୟ ପ୍ରସ୍ତୁତ କରାଯାଇଥାଏ। ଏହି ସମୟରେ ଦହିହାଣ୍ଡି ଖେଳ ମଧ୍ୟ ଏକ ପ୍ରମୁଖ ଆକର୍ଷଣ ସାଜିଥାଏ।

**ଉତ୍ତର ପ୍ରଦେଶ:** ଏହି ଦିନରେ ବନାରସ, ମଥୁରା, ବୃନ୍ଦାବନ ଆଦି ସହରରେ ମହିଳାମାନେ ଲାଠି ଦ୍ୱାରା ପୁରୁଷମାନଙ୍କୁ ମାରିବାର ପ୍ରଥା ରହିଛି। ଏଠାରେ ହୋଲିକୁ 'ଲଠ୍‌ମାର' ଭାବେ ପାଳନ କରାଯାଏ।



# ଆ ଇ ନା



ତାନ୍ୟା
୧୦ ବର୍ଷ



ଶ୍ରେୟା
୧୧ ବର୍ଷ



ଶ୍ୱେତପ୍ରଜ୍ଞା
୫ ବର୍ଷ